ମୁଖ୍ୟ ଖବର

The Samaja

About Us | Feedback | Guestbook | Contact Us Tuesday,06 Sep 2005 Search

ଖବର
- ମୁଖ୍ୟ ଖବର
- ଆଞ୍ଚଳିକ
- ଜାତୀୟ
- ଆନ୍ତର୍ଜାତୀୟ
- ବିଜ୍ଞାନ
- ଖେଳ
- ପାଣିପାଗ
- ସ୍ୱାସ୍ଥ୍ୟ
- ସମ୍ପାଦକୀୟ
- ସମ୍ପାଦକଙ୍କୁ ପତ୍ର

ରବିବାର
- ସ୍ୱତନ୍ତ୍ର ପ୍ରସଙ୍ଗ
- କଳା ଓ ସଂସ୍କୃତି
- କଲିକତା କିଛି କଥା
- ଦିଲ୍ଲୀ ଦରବାର

Classified
- Matrimonials
- Appointments

- Entertainment
- Subscriptions
- Advertisements

# ଧାମରା ବନ୍ଦର ରେଳପଥ ନିର୍ମାଣ ପାଇଁ ସାନି ଜମି ଅଧିଗ୍ରହଣ ଆରମ୍ଭ

ଭଦ୍ରକ (ନି.ପ୍ର.) ଧାମରା ବନ୍ଦର ପ୍ରକଳ୍ପକୁ ଦୃଷ୍ଟିରେ ରଖି ଭଦ୍ରକଠାରୁ ଦୋସିଙ୍ଗା ପର୍ଯ୍ୟନ୍ତ ୬୨ କି.ମି. ପରିବ୍ୟାପ୍ତ ଦୋହରା ରେଳପଥ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଇତିମଧ୍ୟରେ ସାନି ଜମି ଅଧିଗ୍ରହଣ ଅଧିସୂଚନା ଜାରି କରାଯାଇଛି । ଏଥିପାଇଁ ରାଜସ୍ୱ ବିଭାଗ ପକ୍ଷରୁ ପ୍ରଥମ ଦଫାରେ ଭଦ୍ରକ ତହସିଲ ଅଧୀନରେ ୮ଟି ଏବଂ ତିହିଡ଼ି ତଥା ଚାନ୍ଦବାଲି ଅଧୀନରେ ମୋଟ ୪୪ଟି ରାଜସ୍ୱ ଗ୍ରାମରେ ଏହି ଅଧିସୂଚନା ଜାରି କରାଯାଇଛି । ପରେ ଅବଶିଷ୍ଟ ୨୧ଟି ଗ୍ରାମରେ ଏହି ଅଧିସୂଚନା ଜାରି କରାଯାଇ ଜମି ଅଧିଗ୍ରହଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଧାମରା ବନ୍ଦର ପ୍ରକଳ୍ପ ଭୂଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସମ୍ବାଦରୁ ଜଣାପଡ଼ିଛି । ୨୦୦ ଫୁଟ ଚଉଡ଼ା ବିଶିଷ୍ଟ ଏହି ରେଳପଥ ନିର୍ମାଣ ପାଇଁ ସରକାର ଇଡ୍‌କୋ ଜରିଆରେ ମୋଟ ୨ ହଜାର ୮୫୩ ଏକର ଜମି ଅଧିଗ୍ରହଣ କରିବାକୁ ଯୋଜନା କରିଥିବା ବେଳେ ଏଥିରେ ଭଦ୍ରକ ତହସିଲ ଅଧୀନରେ ୧୩ଟି, ତିହିଡ଼ି ତହସିଲ ଅଧୀନରେ ୨୮ଟି ଏବଂ ଚାନ୍ଦବାଲି ଅଧୀନରେ ୩୪ଟି ରାଜସ୍ୱ ଗ୍ରାମରେ ଏଥିପାଇଁ ବ୍ୟବସ୍ଥା କରାଯାଇ ଗତ ୧୯୯୯ ମସିହାଠାରୁ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି କ୍ରମରେ ଗତ ୨୦୦୪ ମସିହା ସୁଦ୍ଧା ସରକାର କେବଳ ଭଦ୍ରକ ତହସିଲ ଅଧୀନରେ ୫ଟି ତିହିଡ଼ି ତହସିଲ ଅଧୀନରେ ୧ଟି ଏବଂ ଚାନ୍ଦବାଲି ଅଧୀନରେ ୩ଟି ଏହିପରି ମୋଟ ୯ଟି ଗ୍ରାମର ୨୦୧ ଏକର ୭୦ ଡିସିମିଲ ଜମି ଅଧିଗ୍ରହଣ କରି ଏବାବଦକୁ ମୋଟ ୨ କୋଟି ୩୧ ଲକ୍ଷ ୧୧ ହଜାର ୮୫୪ ଟଙ୍କା କ୍ଷତିପୂରଣ ଅର୍ଥ ଭାବେ ଲୋକମାନଙ୍କୁ ପୈଠ କରିଥିଲେ । ଅନ୍ୟ ପକ୍ଷରେ ଦୀର୍ଘ ଦିନ ବ୍ୟବଧାନରେ ସରକାର ୭୫ଟି ରାଜସ୍ୱ ଗ୍ରାମ ମଧ୍ୟରୁ ମାତ୍ର ୯ଟି ଗ୍ରାମର ଅଧିଗ୍ରହଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ ମଧ୍ୟ ଅବଶିଷ୍ଟ ଗ୍ରାମଗୁଡ଼ିକର ମୂଲ୍ୟାୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରି ଏହି ବାବଦକୁ ଆବଶ୍ୟକ ପଡୁଥିବା ପ୍ରାୟ ୨୫/୩୦ କୋଟି ଟଙ୍କା ଚୂଡ଼ାନ୍ତ ଯୋଗାଇ ଦେବାକୁ ଜମି ଅଧିଗ୍ରହଣ ଦାୟିତ୍ୱ ନେଇଥିବା ଇଡ୍‌କୋ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିଲା । ଜମି ଅଧିଗ୍ରହଣ ନିୟମ ଅନୁଯାୟୀ ଅଧିଗ୍ରହଣ କରାଯାଉଥିବା ଜମିର ମୂଲ୍ୟାୟନ ପରେ ସର୍ବାଧିକ ଦୁଇ ବର୍ଷ ମଧ୍ୟରେ ଏ ବାବଦକୁ କ୍ଷତିପୂରଣ ଅର୍ଥ ଦିଆଯାଇ ନ ପାରିଲେ ତାହା ଆପେ ଆପେ ଅଚଳ ହୋଇପଡ଼ିଥାଏ । ଯେଉଁଥି ପାଇଁ ଗତ ଦୁଇ ବର୍ଷ ତଳେ ମୂଲ୍ୟାୟନ ସରିଥିବା ୬୫ଟି ଗ୍ରାମର ସାନି ମୂଲ୍ୟାୟନ ପାଇଁ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଥିଲେ ମଧ୍ୟ କର୍ତ୍ତୃପକ୍ଷ ରେଳପଥର ପୂର୍ବ ପରିକଳ୍ପନାକୁ ପରିବର୍ତ୍ତନ କରି ଏହି ରେଳପଥର ଚଉଡ଼ା ୨୦୦ ଫୁଟ ପରିବର୍ତ୍ତେ ୧୨୫ ଫୁଟକୁ ହ୍ରାସ କରିବା ଫଳରେ ପ୍ରସ୍ତାବିତ ଯୋଜନାରେ ଗୋଟିଏ ରାଜସ୍ୱ ଗ୍ରାମକୁ ବାଦ୍ କରି ଅବଶିଷ୍ଟ ୬୪ଟି ଗ୍ରାମରୁ ଜମି ଅଧିଗ୍ରହଣ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଅନ୍ୟ ପକ୍ଷରେ ଗତ ପ୍ରାୟ ୫ବର୍ଷ ଧରି ପ୍ରସ୍ତାବିତ ଧାମରା-ଚାନ୍ଦବାଲି ବନ୍ଦର ନିର୍ମାଣକୁ ନେଇ ଅନିଶ୍ଚୟତା ଲାଗି ରହିଥିବା ଯୋଗୁଁ ସରକାର ଏବଂ ବନ୍ଦର ନିର୍ମାଣକାରୀ ସଂସ୍ଥାର ମଧ୍ୟସ୍ଥତାରେ ଜମି ଅଧିଗ୍ରହଣ ଦାୟିତ୍ୱ ନେଇଥିବା ଇଡ୍‌କୋ କର୍ତ୍ତୃପକ୍ଷ ଅଡୁଆରେ ପଡ଼ିଛନ୍ତି । ବନ୍ଦର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ସହ ମୂଳ ଚୁକ୍ତିନାମା ସ୍ୱାକ୍ଷର କରିଥିବା ସିଙ୍ଗାପୁରସ୍ଥିତ ଇଣ୍ଟରନ୍ୟାସନାଲ୍ ସିପୋର୍ଟ କମ୍ପାନୀ ପରବର୍ତ୍ତୀ ଅବସ୍ଥାରେ ପରୋକ୍ଷଭାବେ ଏହି ବନ୍ଦର ନିର୍ମାଣ କାର୍ଯ୍ୟରୁ ଓହରି ଯିବା ଏବଂ ଅନ୍ୟାନ୍ୟ କେତେକ ପ୍ରମୁଖ କମ୍ପାନୀ ଏହି ପ୍ରକଳ୍ପରେ ପୁଞ୍ଜି ନିବେଶ କରିବାକୁ ମନ ବଳାଇବା ଆଦି ପ୍ରସଙ୍ଗ ଏବଂ ଅନ୍ୟାନ୍ୟ କେତେକ ପ୍ରତିବନ୍ଧକ ଯୋଗୁଁ ଅଦ୍ୟାବଧି ଏହି ବୃହତ୍ ବନ୍ଦର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ । ଅନ୍ୟ ପକ୍ଷରେ ପୁଞ୍ଜି ନିବେଶ ଏବଂ ଜମି ଅଧିଗ୍ରହଣ ପାଇଁ ବନ୍ଦର ଏବଂ ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁ ନଥିଲେ ମଧ୍ୟ ଇତିମଧ୍ୟରେ ବନ୍ଦର ପ୍ରକଳ୍ପ ପାଇଁ ଆବଶ୍ୟକ ପ୍ରାୟ ୮୫୦ ଏକର ଜମି ଅଧିଗ୍ରହଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି ବୋଲି ଏଠାକାର ଧାମରା ବନ୍ଦର ପ୍ରକଳ୍ପ ଭୂଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚିତ







କରାଯାଇଛି ।



About Us Contact Us Feedback Guest Book
The site is best viewed in 800x600 Resolution and in Internet Explorer 5.0 and above.
©2003 THE SAMAJA Estd.1919 (Servants of People Society)